# NATIONAL NEWS BULLETIN (ODIA)
## 17 March - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଭାରତର ଷ୍ଟାର୍ଟଅପ୍ ଇକୋ ସିଷ୍ଟମକୁ ନେଇ ଆଧାରିତ ଏକ ବୃହତ ସମ୍ମିଳନୀ ଷ୍ଟାର୍ଟଅପ୍ ମହାକୁମ୍ଭ ଆସନ୍ତାକାଲିଠାରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆରମ୍ଭ ହେବ ।
- ସୁପ୍ରିମକୋର୍ଟଙ୍କ ନିକଟରୁ ଉପଲବ୍ଧ ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ଡିଜିଟାଇଜ୍ଡ ଡାଟାକୁ ନିର୍ବାଚନ ଆୟୋଗ ଆଜି ୱେବସାଇଟ୍‌ରେ ଅପଲୋଡ୍ କରିଛନ୍ତି ।
- ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ନିର୍ବାଚନର ଭୋଟ୍‌ଗଣତି ଜୁନ୍ ୪ ତାରିଖ ପରିବର୍ତ୍ତେ ୨ ତାରିଖରେ କରାଯିବ ବୋଲି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ ।
- ମିଳିତ ସାମରିକ ଅଭ୍ୟାସ 'ଲାମିଟି-୨୦୨୪' ର ଦଶମ ସଂସ୍କରଣ ଆସନ୍ତାକାଲି ଠାରୁ ସେସେଲ୍ସ ଠାରେ ଆରମ୍ଭ ହେବ ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ର ଫାଇନାଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଜି ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ ।

## ଷ୍ଟାର୍ଟଅପ୍- ମହାକୁମ୍ଭ

ଭାରତର ଷ୍ଟାର୍ଟଅପ୍ ଇକୋ ସିଷ୍ଟମକୁ ନେଇ ଆଧାରିତ ଏକ ବୃହତ ସମ୍ମିଳନୀ ଷ୍ଟାର୍ଟଅପ୍ ମହାକୁମ୍ଭ ଆସନ୍ତାକାଲିଠାରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆରମ୍ଭ ହେବ । ଏହି ମହାକୁମ୍ଭ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ସଚିବ ରାଜେଶ କୁମାର ସିଂ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଷ୍ଟାର୍ଟଅପ୍‌ମାନଙ୍କ ସହିତ ପୁଞ୍ଜିନିବେଶକ, ବିଶେଷଜ୍ଞ ଏବଂ କର୍ପୋରେଟ ଭାଗିଦାରୀମାନଙ୍କୁ ସଂଯୋଗ କରିବା ହେଉଛି, ଏହି ମହାକୁମ୍ଭର ମୁଖ୍ୟ ଉଦ୍ଦେଶ୍ୟ ।

ଷ୍ଟାର୍ଟଅପ୍ ମାନଙ୍କର ଏଭଳି ଏକ ବୃହତ ସମ୍ମିଳନୀ ପ୍ରଥମଥର ଲାଗି ଜାତୀୟ ରାଜଧାନୀରେ ଆୟୋଜିତ କରାଯାଇଛି । ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ ଭାବେ ଉଭା ହୋଇଥିବା ହୋଇଥିବାବେଳେ ପ୍ରତ୍ୟେକ ଦିନ ଏହି ତାଲିକାରେ ନୂତନ ଷ୍ଟାର୍ଟଅପ୍ ମାନ ଯୋଡ଼ି ହେବାରେ ଲାଗିଛି ବୋଲି ଶ୍ରୀ ସିଂ କହିଛନ୍ତି । ୨୦୦୦ରୁ ଅଧିକ ଷ୍ଟାର୍ଟଅପ୍, ୩୦ ହଜାର ଭବିଷ୍ୟତର ଶିଳ୍ପୋଦ୍ୟୋଗୀ,

୫୦ ହଜାର ବ୍ୟବସାୟିକ ପରିଦର୍ଶକ, ହଜାର ହଜାର ପୁଞ୍ଜିନିବେଶକଙ୍କ ସମେତ ୫ ହଜାର ଇନ୍‌କ୍ୟୁବେଟର ଓ ୧୦ଟି ଦେଶରୁ ପ୍ରତିନିଧି ଦଳ ଏହି ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ଇସି ଇଲେକ୍‌ଟୋରାଲ ବଣ୍ଡ

ସୁପ୍ରିମକୋର୍ଟଙ୍କ ନିକଟରୁ ଉପଲବ୍ଧ ଇଲେକ୍‌ଟୋରାଲ ବଣ୍ଡ୍ ସମ୍ପର୍କିତ ଡିଜିଟାଇଜ୍‌ଡ ଡାଟାକୁ ନିର୍ବାଚନ ଆୟୋଗ ଆଜି ୱେବସାଇଟ୍‌ରେ ଅପଲୋଡ୍ କରିଛନ୍ତି। ଏହି ୱେବସାଇଟ୍ ହେଲା **www.eci.gov.in/candidate-politicalparty** ଏ ସମ୍ପର୍କରେ ଏକ ବିବୃତି ଜାରି କରି ନିର୍ବାଚନ ଆୟୋଗ କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜନୈତିକ ଦଳ ଗୁଡ଼ିକ ଏକ ବନ୍ଦ ଲଫାପା ମଧ୍ୟରେ ଇଲେକ୍‌ଟୋରାଲ ବଣ୍ଡ୍ ସମ୍ପର୍କିତ ତଥ୍ୟ ଦାଖଲ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାଖଲ କରାଯାଇଥିବା ସମ୍ପୃକ୍ତ ତଥ୍ୟ ସମ୍ବଳିତ ବନ୍ଦ ଲଫାପା ଗୁଡ଼ିକୁ ଖୋଲା ନ ଯାଇ ସିଧାସଳଖ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଦାଖଲ କରାଯାଇଥିଲା। ଗତ ୧୫ ତାରିଖରେ ଏ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅଦାଲତଙ୍କ ରେଜିଷ୍ଟ୍ରି ପେନ୍‌ଡ୍ରାଇଭରେ ସମ୍ପୃକ୍ତ ତଥ୍ୟ ଥିବା ଡିଜିଟାଲ ରେକର୍ଡ ସହିତ ଫିଜିକାଲ କପିକୁ ମଧ୍ୟ ବନ୍ଦ ଲଫପାରେ ଆୟୋଗକଙ୍କୁ ଫେରାଇ ଦେଇଛନ୍ତି।

## ଇସି ଅରୁଣାଚଳ ସିକିମ

ନିର୍ବାଚନ ଆୟୋଗ ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ନିର୍ବାଚନର ଭୋଟ୍ ଗଣତି ତାରିଖରେ ପରିବର୍ତ୍ତନ କରିଛନ୍ତି । ଏ ସମ୍ପର୍କରେ ଆୟୋଗକଙ୍କ ପକ୍ଷରୁ ଦିଆଯାଇଥିବା ଏକ ବିବୃତିରେ କୁହାଯାଇଛି, ଏହି ଦୁଇଟି ରାଜ୍ୟର ବିଧାନସଭା ନିର୍ବାଚନ ଭୋଟ୍‌ଗଣତି ଜୁନ୍ ୪ ତାରିଖ ପରିବର୍ତ୍ତେ ୨ ତାରିଖରେ ଅନୁଷ୍ଠିତ ହେବ । ଗତକାଲି ସିକ୍କିମ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଅରୁଣାଚଳ ପ୍ରଦେଶର ରାଜ୍ୟ ବିଧାନସଭା ସମେତ ଲୋକସଭା ନିର୍ବାଚନ ଲାଗି ନିର୍ବାଚନ ଆୟୋଗ ନୂଆଦିଲ୍ଲୀ ଠାରେ କାର୍ଯ୍ୟସୂଚୀ ଘୋଷଣା କରିଥିଲେ । ୩୨ ଆସନ ବିଶିଷ୍ଟ ସିକ୍କିମ ବିଧାନସଭା ଏବଂ ୬୦ ଆସନ ବିଶିଷ୍ଟ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ଭୋଟ୍ ଗ୍ରହଣ ଏକକ ପର୍ଯ୍ୟାୟରେ ଏପ୍ରିଲ ୧୯ ତାରିଖରେ ଅନୁଷ୍ଠିତ ହେବ । ଏଥିସହିତ ସେହି ଦିନ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ । ସେହିଭଳି ୧୭୫ ଆସନ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭା ଲାଗି ମତଦାନ ମେ’ ୧୩ ତାରିଖରେ ଏକକ ପର୍ଯ୍ୟାୟରେ କରାଯିବ । ଅନ୍ୟପକ୍ଷରେ ଓଡ଼ିଶା ବିଧାନସଭାର ୧୪୭ ଆସନ ଏବଂ ଲୋକସଭା ଆସନ ଲାଗି ୪ଟି ପର୍ଯ୍ୟାୟରେ ମତଦାନ ହେବ । ଓଡ଼ିଶାରେ ମେ’ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ, ୨୫ରେ ତୃତୀୟ ପର୍ଯ୍ୟାୟ ଏବଂ ଜୁନ୍ ୧ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ ।

## ଏନ୍‌ଟିଏ ସିୟୁଇଟି

ସ୍ନାତକ ପାଠ୍ୟକ୍ରମ ଲାଗି ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି- ଏନ୍.ଟି.ଏ ପକ୍ଷରୁ ପୂର୍ବ ଘୋଷିତ କାର୍ଯ୍ୟସୂଚୀ ତଥା ମେ' ୧୫ ରୁ ୩୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ତେବେ ଦେଶବ୍ୟାପୀ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ମେ' ୨୦ ଓ ୨୫ ତାରିଖ ଦୁଇଦିନ ପରୀକ୍ଷା ରହିଛି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ଅଧ୍ୟକ୍ଷ ଏମ୍.ଜଗଦୀଶ କୁମାର କହିଛନ୍ତି, ଏହି ପରୀକ୍ଷା ଲାଗି ଆବଦେନ କରିବାର ଶେଷ ତାରିଖ ହେଉଛି ଚଳିତ ମାସ ୨୬ ତାରିଖ। ତେବେ ପରୀକ୍ଷାର୍ଥୀମାନଙ୍କର ସମସ୍ତ ତଥ୍ୟ ଉପଲବ୍ଧ ହେବାପରେ ସମ୍ପୃକ୍ତ ଅଞ୍ଚଳରେ ନିର୍ବାଚନ ତାରିଖକୁ ଦୃଷ୍ଟିରେ ରଖି ଏନ୍.ଟି.ଏ ପକ୍ଷରୁ ଏହି ପ୍ରବେଶିକା ପରୀକ୍ଷା ଲାଗି ଦେଶର ବିଭିନ୍ନ ସ୍ଥାନ ଲାଗି ତାରିଖ ଘୋଷଣା କରାଯିବ।

## ଇସି ପିଡବ୍ଲ୍ୟୁଡି ଆଇକନ୍

ପାରା ତିରନ୍ଦାଜ ତଥା ଅର୍ଜୁନ ପୁରସ୍କାର ବିଜେତା ଶୀତଲ ଦେବୀଙ୍କୁ ନିର୍ବାଚନ ଆୟୋଗ ଜାତୀୟ ଦିବ୍ୟାଙ୍ଗ ଆଇକନ୍ ଭାବେ ଘୋଷଣା କରିଛନ୍ତି। ଗତକାଲି ନୂଆଦିଲ୍ଲୀ ଠାରେ ଭାରତୀୟ ମୁକ କ୍ରିକେଟ ସଂଘର ଟିମ୍ ଏବଂ ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ ସଂଘର ଟିମ୍ ମଧ୍ୟରେ ଅନୁଷ୍ଠିତ ଏକ ପ୍ରଦର୍ଶନ କ୍ରିକେଟ ମ୍ୟାଚ୍ ଅବସରରେ ଶୀତଲ ଦେବୀଙ୍କ ନାମ ଘୋଷଣା

କରାଯାଇଛି । ଭୋଟର, ଶିକ୍ଷା ଓ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସହଯୋଗରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଏହି ମ୍ୟାଚ୍ ଆୟୋଜିତ ହୋଇଥିଲା । ଏହି ମ୍ୟାଚ୍ ଦେଖିବା ଲାଗି ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ସମେତ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ସୁଖବୀର ସିଂ ସାନ୍ଧୁ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭୋଟଦାତାଙ୍କ ଲାଗି ଏକ ଉତ୍ସର୍ଗୀକୃତ ଭୋଟର ଗାଇଡ୍ ଆୟୋଗଙ୍କ ପକ୍ଷରୁ ଶୁଭାରମ୍ଭ କରାଯାଇଛି । ନିର୍ବାଚନ ସମୟରେ ମତଦାନ କେନ୍ଦ୍ର ଗୁଡ଼ିକରେ ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଭୋଟଦାତାଙ୍କ ଲାଗି ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ଏହି ସମନ୍ୱିତ ଭୋଟର ଗାଇଡ୍‌ରେ ଉପଲବ୍ଧ ରହିଛି ।

## ପଞ୍ଜାବ ୨୫ କମ୍ପାନିସ୍

ପଞ୍ଜାବରେ ମୁକ୍ତ, ଅବାଧ ତଥା ଶାନ୍ତିପୂର୍ଣ୍ଣ ନିର୍ବାଚନ ସମ୍ପନ୍ନ କରିବା ଲାଗି ରାଜ୍ୟ ପୁଲିସ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପୁଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ କହିଛନ୍ତି । ଆଜି ଚଣ୍ଡୀଗଡ଼ରେ ଶ୍ରୀ ଯାଦବ ରାଜ୍ୟର ସମସ୍ତ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିଛନ୍ତି । ଗତକାଲି ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦେଶରେ ସାଧାରଣ ନିର୍ବାଚନ-୨୦୨୪ର କାର୍ଯ୍ୟସୂଚୀ ଅନୁଯାୟୀ ପଞ୍ଜାବରେ ଜୁନ୍ ୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ଭର୍ଚୁଆଲ ବୈଠକରେ ଶ୍ରୀ

ଯାଦବଙ୍କ ସହିତ ଆଇନଶୃଙ୍ଖଳା ବ୍ୟାପାର ସ୍ୱତନ୍ତ୍ର ପୁଲିସ ମହାନିର୍ଦ୍ଦେଶକ ଅର୍ପିତ ଶୁକ୍ଳା ଉପସ୍ଥିତ ଥିଲେ। ଆମ ସମ୍ବାଦଦାତା ଜଣାଇଛନ୍ତି, ନିର୍ବାଚନ ସମୟରେ ସାଧାରଣ ଜନତାଙ୍କର ବିଶ୍ୱାସକୁ ସୁଦୃଢ଼ କରିବା ତଥା ସ୍ୱର୍ଣ୍ଣକାତର ଅଞ୍ଚଳ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉଦ୍ଦେଶ୍ୟରେ ୨୫ କମ୍ପାନୀ କେନ୍ଦ୍ରୀୟ ସଶକ୍ତ ପୁଲିସ ବାହିନୀକୁ ରାଜ୍ୟର ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ସେମାନଙ୍କ ମଧ୍ୟରେ ୧୫ କମ୍ପାନୀ ସୀମା ସୁରକ୍ଷା ବାହିନୀ ଏବଂ ୫ କମ୍ପାନୀ ସି.ଆର.ପି.ଏଫ୍. ଓ ୫ କମ୍ପାନୀ ଆଇ.ଟି.ବି.ପି. ସୁରକ୍ଷା ବାହିନୀ ଅନ୍ତର୍ଭୁକ୍ତ।

## ଇଣ୍ଡିଆ-ସେସେଲ୍ସ ଏକ୍ସରସାଇଜ୍

‘ଲାମିଟି-୨୦୨୪’ ର ଦଶମ ସଂସ୍କରଣ ଆସନ୍ତାକାଲି ଠାରୁ ସେସେଲ୍ସ ଠାରେ ଆରମ୍ଭ ହେବ। ଏହା ଆସନ୍ତ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ସେନା ଏବଂ ସେସେଲ୍ସ ଡିଫେନ୍ସ ଫୋର୍ସ ଏସଡିଏଫ ମଧ୍ୟରେ ଚାଲିଥିବା ମିଳିତ ସାମରିକ ଅଭ୍ୟାସ ‘ଲାମିଟି-୨୦୨୪’ରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ସେନା ଦଳ ଆଜି ସେସେଲ୍ସ ଅଭିମୁଖେ ଯାତ୍ରା କରିଛି। କ୍ରେଓଲ ଭାଷାରେ ‘ଲାମିଟିୟେ’ ଅର୍ଥ ‘ଫ୍ରେଣ୍ଡସିପ୍’ ଯାହାକି ଏକ ଦ୍ୱିବାର୍ଷିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ୨୦୦୧ ମସିହାରୁ ସେସେଲ୍ସରେ ଆୟୋଜିତ ହେଉଛି। ଏହି ଅଭ୍ୟାସରେ ଭାରତୀୟ ସେନା ଗୋର୍ଖା ରାଇଫଲ ଓ ଏସ୍‌ଡିଏଫ୍‌ର ୪୫ ଜଣ ଯବାନ ଅଂଶଗ୍ରହଣ କରିବେ । ଏହି ସମରାଭ୍ୟାସ ଶାନ୍ତି ରକ୍ଷା ଅଭିଯାନ ସମୟରେ ଉଭୟ ପକ୍ଷ ମଧ୍ୟରେ

ପାରସ୍ପରିକ ସହଯୋଗ ବୃଦ୍ଧି କରିବ। ଏହି ସମରାଭ୍ୟାସ ଦ୍ୱିପାକ୍ଷିକ ସାମରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ସହିତ ଉଭୟ ସେନା ମଧ୍ୟରେ ଦକ୍ଷତା, ଅଭିଜ୍ଞତା ଏବଂ ଉତ୍ତମ ଅଭ୍ୟାସ ଆଦାନପ୍ରଦାନ କରିବ।

## ଛତିଶଗଡ଼-ଇଓଡବ୍ଲ୍ୟୁ

ମହାଦେବ ଅନ୍‌ଲାଇନ୍ ବେଟିଂ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଛତିଶଗଡ଼ର ଅର୍ଥନୈତିକ ଅପରାଧ ତଦନ୍ତ ବ୍ୟୁରୋ– ଇଓଡବ୍ଲ୍ୟୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ସମେତ ୧୯ ଜଣଙ୍କ ନାମରେ ଏଫ୍.ଆଇ.ଆର୍ ରୁଜୁ କରିଛି। ଏହି ମାମଲାରେ ଦୁର୍ନୀତି, ଅପରାଧ, ଷଡ଼ଯନ୍ତ୍ର ଓ ଜାଲିଆତି ଆଦି ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ରୁଜୁ ହୋଇଥିବା ଏହି ଏଫ୍.ଆଇ.ଆର୍‌ରେ ଦର୍ଶାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏ ସମ୍ପର୍କରେ ଆବେଦନ ମିଳିବା ପରେ ଇଓଡବ୍ଲ୍ୟୁ ଗତ ୪ ତାରିଖରେ ଏହାର ତଦନ୍ତ ଆରମ୍ଭ କରିଥିଲା।

## ଗୁଜୁରାଟ-ଭାଇଲେନ୍ସ

ଅହମ୍ମଦାବାଦ ସ୍ଥିତ ଗୁଜୁରାଟ ବିଶ୍ୱବିଦ୍ୟାଳୟରେ ଏକ ହିଂସାତ୍ମକ ଘଟଣାରେ ଦୁଇଜଣ ବିଦେଶୀ ଛାତ୍ର ଆହତ ହୋଇଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି, ସମ୍ପୃକ୍ତ ଦୁଇ ଆହତ ବିଦେଶୀ ଛାତ୍ରଙ୍କୁ

ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା, ତେବେ ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସ୍ୱାଭାବିକ ହେବାରୁ ତାଙ୍କୁ ହସ୍‌ପିଟାଲରୁ ଛାଡ଼ିଦିଆଯାଇଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ବୈଦେଶିକ ମନ୍ତ୍ରଣାଳୟ ଏଥିଲାଗି ଗୁଜୁରାଟ ସରକାରଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି ବୋଲି ଶ୍ରୀ ଜୟଶ୍ୱାଲ କହିଛନ୍ତି।

## ଆଫଗାନିସ୍ତାନ ଆକ୍ସିଡେଣ୍ଟ

ଆଫଗାନିସ୍ତାନର ହେରତ-କାନ୍ଧାହାର ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ଅନ୍ୟ ୩୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ମିଳିଥିବା ସୂଚନା ଅନୁଯାୟୀ, ହେଲାମାଣ୍ଡ ପ୍ରଦେଶର ଗ୍ରୀସ୍କ ଜିଲ୍ଲା ଅର୍ନ୍ତଗତ ୟାକଚାଲ ଠାରେ ଆଜି ସକାଳେ ଏକ ବସ୍ ଗୋଟିଏ ବାଇକ୍‌କୁ ଓ ପରେ ପରେ ଏକ ତୈଳ ଟ୍ୟାଙ୍କର ସହିତ ମାଡ଼ ହେବା ଫଳରେ ଅଗ୍ନିକାଣ୍ଡ ଘଟି ଏଭଳି ଦୁର୍ଘଟଣା ଘଟିଛି। ବସ୍‌ରେ ଥିବା ୧୬ ଜଣ ଯାତ୍ରୀ ବାଇକ୍‌ର ୨ ଜଣ ଏବଂ ଟ୍ୟାଙ୍କରରେ ଥିବା ୨ ଜଣଙ୍କର ମୃତ୍ୟୁ ହୋଇଛି। ଆହତମାନଙ୍କୁ ସ୍ଥାନୀୟ ଲସ୍କରଗା ସ୍ଥିତ ହସ୍‌ପିଟାଲରେ ଚିକିତ୍ସା କରାଯାଉଛି।

# ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ର ଫାଇନାଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଜି ଦିଲ୍ଲୀ କ୍ୟାପିଟାଲ୍ସ୍‌କୁ ଭେଟିବ।  ଆଜିର ଏହି ଫାଇନାଲ୍ ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରୁ ଆରମ୍ଭ ହେବ। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆରସିବି ଶୁକ୍ରବାର ଦିନ ଏଲିମିନେଟର ପଦ୍ଧତିରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ୍‌କୁ ୫ ରନ୍‌ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ରୟାଲ ଚ୍ୟାଲେଞ୍ଜର୍ସ ମାତ୍ର ୪ଟି ମ୍ୟାଚ୍ ଜିତିପାରିଛି। ଅନ୍ୟପକ୍ଷରେ  ମେଗ୍ ଲାନିଂଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଏହି ଟୁର୍ଣ୍ଣାମେଣ୍ଟର ୮ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇଛି।